## ସଂକ୍ଷେପରେ

### ୨ ବଖରା ଜଳିଗଲା

ଧାମନଗର, ୩।୧ (ଡି.ଏନ.ଏ.)- ଭଦ୍ରକ ଜିଲା ଧାମନଗର ବ୍ଲକ ଦିହୁଡିଆନନ୍ଦପୁର ପଞ୍ଚାୟତ ଅଧୀନ ଉତେଇପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପ୍ରଦୀପ ଜେନାଙ୍କ ୨ ବଖରା ଘର ଜଳିଯାଇଛି। ତାଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଧାମନଗର ଅଗ୍ନିଶମ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଶୁକ୍ରବାର ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତ କରିଛନ୍ତି। ଏବେ ପ୍ରବଳ ଶୀତ ଅନୁଭୂତ ହେଉଥିବାରୁ ଅଗ୍ନିପିଡ଼ିତଙ୍କ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି।

### ସ୍ୱାଧୀନତା ସଂଗ୍ରାମୀ ପତ୍ନୀଙ୍କ ପରଲୋକ

ରୂପ୍‌ସା, ୩।୧(ଡି.ଏନ୍‌.ଏ.)-ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ଅନ୍ତର୍ଗତ ଆଗମୌଜା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଉପେନ୍ଦ୍ର ବେହେରାଙ୍କ ପତ୍ନୀ ଗୁଲିଆ ବେହେରାଙ୍କ ଗୁରୁବାର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୪ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁବେଳକୁ ତାଙ୍କର ୨ ପୁଅ, ପୁତ୍ରବଧୂ ଓ ନାତୁଣୀନାତି ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ପହଞ୍ଚି ତାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ପୁରୁବାଈ କନ୍ୟାଶ୍ରମ ବାର୍ଷିକ ଉତ୍ସବ

ସୋର, ୩।୧(ଡି.ଏନ୍‌.ଏ.)
ସୋର ମ୍ୟୁନିସିପାଲିଟି ଅଧୀନ ଗାନ୍ଧୀ ସେବାସଂଘ ପୁରୁବାଈ କନ୍ୟାଶ୍ରମର ବାର୍ଷିକ ଉତ୍ସବ ଜଗନ୍ନାଥ ଦାସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପ୍ରାକ୍ତନ କନ୍ୟାଶ୍ରମ ସମ୍ପାଦକ ସ୍ୱର୍ଗତ ଜବାହରଲାଲ ଦାସଙ୍କ ୭ମ ଶ୍ରାଦ୍ଧବାର୍ଷିକ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ମିହିର କୁମାର ଦାସ, ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଭାଗିରଥୀ ବାରିକ, ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ସଦସ୍ୟ ପଦ୍ମଲୋଚନ ଦତ୍ତ, ଗଣେଶ୍ୱର ରାଉତଙ୍କ ସହ ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝି ପ୍ରମୁଖ ଯୋଗ ଦେଇ ଅବହେଳିତ ଅନ୍ତେବାସିନୀଙ୍କ ସାମଗ୍ରିକ ବିକାଶ ପାଇଁ ସାମାଜିକ ସହଯୋଗ ଲୋଡା ବୋଲି ବକ୍ତବ୍ୟରେ କହିଥିଲେ। ସମ୍ପାଦିକା ସୁମତୀ ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରମାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ସଭା କାର୍ଯ୍ୟ ପରେ ଅନ୍ତେବାସିନୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଉପଲକ୍ଷେ ସକାଳେ ପ୍ରଭାତ ଫେରି, ତିଳତର୍ପଣ, ପୁରୁବାଈଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଦସ୍ୟ ମହେଶ୍ୱର ପପଟ୍ଟନାୟକ, ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ ଓ ଗୟାଧର ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

# ଚିନ୍ତା ବଢ଼ାଇଲା ଅଦିନିଆ ବର୍ଷା

ଭଦ୍ରକ ଅଫିସ/ ପଦ୍ମପୁର/ ତିହିଡ଼ି/ ଆରଡ଼ି, ୩।୧(ଡି.ଏନ.ଏ.)


ପଦ୍ମପୁରର ଏକ ଖଳାରେ ଧାନ ଓଦା ହେଉଛି।

■ବିଲ, ଖଳାରେ ଭିଜୁଛି ଧାନ
■ଗଜା ହେବା ଆଶଙ୍କାରେ ଚାଷୀ

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଦିନତମାମ ଝିପିଝିପି ବର୍ଷା ଲାଗିରହିଥିଲା। ଫଳରେ ପାଗ କୋହଲା ଅନୁଭୂତ ହୋଇଥିଲା। ଲଗାଣ ବର୍ଷା ସାଙ୍ଗକୁ କୋହଲା ପାଗ କାରଣରୁ ରାସ୍ତାଘାଟ ଶୂନଶାନ ରହିଥିଲା। ଏହି ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଭଦ୍ରକ ଜିଲାକୁ ୟେଲୋ ୱାର୍ଣ୍ଣିଂ ତାଲିକାରେ ରଖାଯାଇଥିବାରୁ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ବିଲରୁ ସମ୍ପୂର୍ଣ୍ଣ ଭାବେ ଧାନ ଉଠାଇ ପାରି ନଥିବାରୁ ଅଦିନିଆ ବର୍ଷା ବର୍ଷର ଶେଷ ଅମଳରେ କ୍ଷତି ପହଞ୍ଚାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ। କେଉଁଠି ଧାନଗଦା ଉପରେ ପଲିଥିନ ଢାଙ୍କି ରଖାଯାଇଛି ତ ଆଉ କେଉଁଠି ଖଳାରେ ଧାନବସ୍ତା ଉପରେ ପାଲ ଘୋଡ଼ାଯାଇଛି। ଅଧିକାଂଶ ବିଲରେ ଧାନ କାଟି ରଖାଯାଇଛି କିନ୍ତୁ ଅମଳ ହୋଇପାରି ନାହିଁ। ବର୍ଷା ଲାଗି ରହିଲେ ଧାନର ଉପଯୁକ୍ତ ମାନ ନଷ୍ଟ ହୋଇ କ୍ଷତି ପହଞ୍ଚାଇବ ବୋଲି କୃଷକ ନେତା ଚନ୍ଦ୍ରଶେଖର ନାୟକ ପ୍ରତିକ୍ରିୟା ରଖିଛନ୍ତି। ଭଦ୍ରକ ବ୍ଲକର ସାହାଡ଼ା, ଗୋରାମାଟି, ସାବରଙ୍ଗ ପଞ୍ଚାୟତର ଚାଷୀଙ୍କ ଧାନ ସବୁ ବିଲରେ ଭିଜିଯାଇଥିବା କୁହାଯାଇଛି।

ସେହିଭଳି ବାସୁଦେବପୁର ବ୍ଲକ ପଦ୍ମପୁର ଅଞ୍ଚଳରେ ମଧ୍ୟ ସମାନ ଅବସ୍ଥା। ବୁଲ୍‌ବୁଲ୍‌ ବାତ୍ୟା ପରେ ବହୁ କଷ୍ଟରେ ଧାନ କାଟି ଅମଳ ପାଇଁ ରଖିଥିବା ଧାନ ବର୍ଷାରେ ଭିଜୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବ୍ଲକର ପଦ୍ମପୁର, ସୁଗୋ, ଏଡ଼ତାଳ, ଲୁଙ୍ଗା, ଜଗନ୍ନାଥପ୍ରସାଦ, ବାଲିମେଦ, ରାଜଘରପୋଖରୀ, ବିରସ, ବିଦେଇପୁର, ନାୟକାଣିଡିହୀ ସମେତ ସମସ୍ତ ୩୬ ପଞ୍ଚାୟତ ଚାଷୀଙ୍କ ଧାନ ବିଲରେ ଭିଜୁଛି। ଏହାଛଡ଼ା ଚାଷୀମାନେ ଅମଳ ପାଇଁ ଆଣିଥିବା ଧାନ ଖଳା ଓ ବାଡ଼ିରେ ରଖିଥିବାବେଳେ ସେସବୁ ମଧ୍ୟ ଓଦା ହୋଇ ଗଜା ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି।

ତିହିଡ଼ି ବ୍ଲକରେ ବର୍ଷା ଲାଗି ରହିବା ଫଳରେ ଧାନ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। କେତେକ ଚାଷୀଙ୍କର ଧାନ କଟା ହୋଇ ବିଲରେ ପଡ଼ିଥିବାବେଳେ ବର୍ଷାରେ ଭିଜୁଛି। ଗଜା ହୋଇଯିବାର ଆଶଙ୍କା ଥିବାରୁ ଏହା ଚାଷୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ବର୍ଷା ପରେ ଖରା ହେଲେ ଏହି ଧାନ ସବୁ ଝଡ଼ି ଯିବାର ଆଶଙ୍କା ରହିଛି। ବୁଲ୍‌ବୁଲ୍‌ ବାତ୍ୟାରେ ବ୍ଲକରେ ୫୦ ପ୍ରତିଶତ ଧାନ କ୍ଷତିଗ୍ରସ୍ତ ହୋଇଥିଲା। ପରେ ଏହି ଅଦିନିଆ ବର୍ଷା ଚାଷୀଙ୍କୁ ଏକପ୍ରକାର ନିରାଶ କରିଛି। ଆରଡି ଅଞ୍ଚଳରେ ସକାଳଠାରୁ ଲାଗି ରହିଛି ବର୍ଷା। ଚାନ୍ଦବାଲି ବ୍ଲକର ଆରଡି, ନାନ୍ଦପୁର, ଓଳଗ, ସୁନ୍ଦରପୁର, ଧାମନଗର ବ୍ଲକର ପାଳସାହି, ରଇପୁର ଓ ତିହିଡି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତର ୫୪ ଖଣ୍ଡ ଗାଁର ଚାଷୀକୁଳ ବର୍ଷା ଯୋଗୁ ହତାଶ ହୋଇପଡିଛନ୍ତି। ଶହ ଶହ ହେକ୍ଟର ଚାଷଜମିରେ ଚାଷୀଙ୍କ ପାଚିଲା ଧାନ କଟା ହୋଇ ପଡ଼ି ରହିଥିବାବେଳେ ବର୍ଷାରେ ଭିଜୁଛି। ବର୍ଷା ଯୋଗୁ ଏସବୁ ଅଞ୍ଚଳରେ ବିରି ଫସଲ ନଷ୍ଟ ହେବାର ଆଶଙ୍କା ଥିବା କେତେକ ଚାଷୀ କହିଛନ୍ତି। ସେହିପରି ଗଡଗଡ, ତେଲିପାଟଣା, କୁଳସାହି, ସୁନ୍ଦରପୁର, ଦୋହରାପାଟଣା, ପାଳସାହି, ତୋଟାସାହି, ବେତାଳିଗାଁ ଆଦି ସ୍ଥାନରେ ଚାଷୀମାନେ କରିଥିବା ପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ଭଦ୍ରକ ଅଫିସ,୩।୧

ଭଦ୍ରକ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଡିଏସ୍‌ପି ଅମରେନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକରୀ ଡା. ପ୍ରଦୀପ ଖୁଣ୍ଟିଆଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସରସ ଓ ସୁନ୍ଦର ଭାବେ ପାଳନ କରାଯିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ନେହେରୁ ଷ୍ଟାଡିୟମଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ସ୍ଥିର କରାଯାଇଥିଲା। ଏହି ଉପଲକ୍ଷେ ସ୍କୁଲ ପିଲାମାନଙ୍କ ଦ୍ୱାରା ଆସନ୍ତା ୧୬ରୁ ୧୮ତାରିଖ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ। ୨୦ ତାରିଖରେ ଜିଲା ସ୍କୁଲ ପରିସରରେ କୁଇଜ ପ୍ରତିଯୋଗିତା ହେବ। ସେହିପରି ସାଧାରଣତନ୍ତ୍ର ଦିବସରେ ଚିତ୍ରକଳା ପ୍ରଦର୍ଶନୀ, ରକ୍ତଦାନ ଶିବିର ଓ ସଦର ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ ସହ ପ୍ରଜ୍ଞାପନ ମେଢ଼ ପରେଡ ଉତ୍ସବରେ ପ୍ରଦର୍ଶନ କରାଯିବ। ଶେଷରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ (ମଝି) ଓ ଅନ୍ୟ ଅଧିକାରୀମାନେ।

# ତାତିଲେ ଗ୍ରାମବାସୀ, ଘେରିଲେ ଥାନା


ତିହିଡ଼ି ଥାନା ଘେରିଛନ୍ତି ଅମୃତପୁର ଗ୍ରାମବାସୀ।

ତିହିଡ଼ି, ୩।୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଜାମଯୋଡ଼ି ପଞ୍ଚାୟତ ଅଧୀନ ଅମୃତପୁର ଗ୍ରାମର ଯୁବ ବ୍ୟବସାୟୀ ରତ୍ନାକର ଖୁଣ୍ଟିଆ ହତ୍ୟାକାଣ୍ଡ ଘଟଣାରେ ଗ୍ରାମବାସୀ ଶୁକ୍ରବାର ପୂର୍ବାହ୍ନରେ ତିହିଡ଼ି ଥାନା ଘେରାଉ କରିଥିଲେ। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ସେମାନେ ଏହି ପଦକ୍ଷେପ ନେଇଥିଲେ। ପରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରବିନାରାୟଣ ନାୟକ, ସରପଞ୍ଚଙ୍କ ପ୍ରତିନିଧି ସୁଦର୍ଶନ ବିଶ୍ୱାଳ, ସମିତିସଭ୍ୟଙ୍କ ପ୍ରତିନିଧି ମୁକ୍ତିକାନ୍ତ ନାୟକ, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବିଶ୍ୱାଳ, ମୃତକଙ୍କ ବାପା ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଯୁବନେତା ତାପସ ରଞ୍ଜନ ନାୟକ ପ୍ରମୁଖ ଆଇଆଇସି ରମେଶ ଚନ୍ଦ୍ର ସିଂଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଆଇଆଇସି ସିଂ ଘଟଣାର ତଦନ୍ତ ଚାଲିଛି ଆସନ୍ତା ୧୫ ଦିନ ମଧ୍ୟରେ ହତ୍ୟା ଘଟଣା ସହ ଅନ୍ୟ ଅଭିଯୁକ୍ତ

## ରତ୍ନାକର ହତ୍ୟାକାଣ୍ଡ ଘଟଣା
### ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି

ସମ୍ପୃକ୍ତ ଥିବା ଜଣାପଡ଼ିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଉଲ୍ଲେଖନୀୟ ଯେ, ଗତ ଡିସେମ୍ବର ୮ ତାରିଖ ରାତିରେ ରତ୍ନାକର କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ୧୧ ତାରିଖ ରାତିରେ ତିହିଡ଼ି ଓ ନନ୍ଦପୁର ମଧ୍ୟସ୍ଥଳରେ ଥିବା ଏକ ପରିତ୍ୟକ୍ତ ଘରୁ ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ରତ୍ନାକରଙ୍କ ବାପା ପୂର୍ଣ୍ଣଚନ୍ଦ୍ର ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୩୩/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ରତ୍ନାକରଙ୍କ ବନ୍ଧୁ ଅମୃତପୁର ଗ୍ରାମର ଅଣବିନ୍ଦୁ ମହାନ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବ୍ୟବସାୟିକ ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ଅଣବିନ୍ଦୁ ରତ୍ନାକରଙ୍କୁ ହତ୍ୟା କରିଥିବା ପୋଲିସ ମାନିଥିଲା। ଏହି ଘଟଣାରେ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ମୃତ ରତ୍ନାକରଙ୍କ ପରିବାର ଲୋକେ ଦାବି କରୁଥିଲେ ମଧ୍ୟ ପୋଲିସର କୌଣସି ତତ୍ପରତା ପ୍ରକାଶ ପାଇ ନ ଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ଉତ୍ତ୍ୟକ୍ତ ହୋଇ ତିହିଡ଼ି ଥାନା ଘେରାଉ କରିବା ସହ ଭିତରକୁ ଧସେଇ ପଶିଥିଲେ। ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ପୋଲିସକୁ ଥାନା ଦ୍ୱାର ବନ୍ଦ କରିବାକୁ ପଡ଼ିଥିଲା। ତେବେ ଆଇଆଇସିଙ୍କ ପ୍ରତିଶ୍ରୁତି ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

## ‘ସ୍ୱେଚ୍ଛାସେବୀଙ୍କ ପ୍ରଧାନ କର୍ତ୍ତବ୍ୟ ସେବା’

ବାସୁଦେବପୁର, ୩।୧(ଡି.ଏନ.ଏ.)- ବାସୁଦେବପୁର ବେତଡ଼ାସ୍ଥିତ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରେ ଚାଲିଥିବା ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ବରଣ୍ଡିଆ ପଞ୍ଚାୟତ କାମିନୀ କୁମାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିବିର ଅନୁଷ୍ଠିତ ହୋଇଥିଲା। ୭ ଦିନ ଧରି ସ୍ୱେଚ୍ଛାସେବୀମାନେ ରାସ୍ତାଘାଟ ସଫେଇ, ବୃକ୍ଷରୋପଣ, ସାମାଜିକ ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇ ଜନସଚେତନତା ସୃଷ୍ଟି କରିଥିଲେ। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ଅଧ୍ୟାପକ ବେଣୁଧର ପରିଡ଼ା। ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଯୋଗୀ ସୁଧାକର ମୁନି, ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା, ଶିକ୍ଷାବିତ୍‌ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ସାମାଜିକ କର୍ମୀ ନିରାକର ପତି, ପ୍ରଧାନଶିକ୍ଷକ ଜଗବନ୍ଧୁ ଜେନା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ସେବା ହିଁ ସ୍ୱେଚ୍ଛାସେବୀଙ୍କ ପ୍ରଧାନ କର୍ତ୍ତବ୍ୟ ବୋଲି ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା ମତବ୍ୟକ୍ତ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ମହାପାତ୍ର ବିବରଣୀ ପାଠ କରିଥିଲେ। ଅଧ୍ୟାପକ ବ୍ରଜମୋହନ ଦାସ ଧନ୍ୟବାଦ ଦେଇଥିଲେ।

# ୬ରେ କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ
## ଉଦ୍‌ଘାଟନ କରିବେ ରାଜ୍ୟପାଳ

ସୋର, ୩।୧(ଡି.ଏନ.ଏ.)

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ ଦିନିଆ ରଜତ ଜୟନ୍ତୀ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ ଏହାକୁ ଉଦ୍‌ଘାଟନ କରିବେ ବୋଲି କମିଟି କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ କଳସ ଶୋଭାଯାତ୍ରା, ଘୋଷ ଝାଙ୍କି ଓ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟ ପାଇଁ ଜମିଦାନ କରିଥିବା ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପ୍ରତିମୂର୍ତ୍ତି ଓ ମୁଖପତ୍ର ‘ସାରଥୀ’ ଉନ୍ମୋଚିତ ହେବ। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ସହ ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତି ଉପସଭାପତି ପ୍ରହ୍ଲାଦ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ସୁରଞ୍ଜନ ଦାସ, କୋଷାଧ୍ୟକ୍ଷ ଯୁଗଳ କିଶୋର ଅଗ୍ରୱାଲ, ପ୍ରାକ୍ତନ ଛାତ୍ର ସଂସଦ ସଭାପତି ପବିତ୍ର ମହାପାତ୍ର ଓ ସମ୍ପାଦକ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ। ଶେଷରେ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା

ବାଲିଆପାଳ,୩।୧(ସ୍ୱ.ପ୍ର.)-

ଶୁକ୍ରବାର ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବାଲିଆପଳ ବ୍ଲକରେ ଝିପିଝିପି ବର୍ଷା ହୋଇଛି। ଆକାଶ ମେଘାଛନ୍ନ ରହିବା ସହିତ ପାଗ କୋହଲା ରହିଛି। ଥଣ୍ଡା ପବନ ବୋହୁଥିବାରୁ ଜନସାଧାରଣ ଥଣ୍ଡାରେ ବହୁ ଅସୁବିଧା ଭୋଗୁଛନ୍ତି। ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଏପରିକି ସିମୁଳିଆ, କାଳିପଦା, ଲଙ୍ଗଳେଶ୍ୱର ବଜାର ଲୋକଙ୍କ ଯାତାୟାତ ମଧ୍ୟ କମ ରହିଛି। ବର୍ଷା ଯୋଗୁ ଧାନ ଅମଳରେ ବାଧା ସୃଷ୍ଟି ହୋଇଛି। ଚାଷୀର ଜମିରେ ଧାନ ବିଡା ପଡିରହିଥିବା ବେଳେ ବର୍ଷା ଯୋଗୁ ପାଚିଲା ଧାନ ଓ ପରିବା ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି।

# ଲକ୍ଷ୍ମଣନାଥ ରେଳଷ୍ଟେଶନର ନବୀକରଣ ଦାବି

ଜଳେଶ୍ୱର, ୩।୧(ସ୍ୱ.ପ୍ର.)-

### ଉନ୍ନୟନ କମିଟି ପକ୍ଷରୁ ୬ରେ ଅନଶନ

ଖଡ଼ଗପୁର ରେଳ ଡିଭିଜନ ଅନ୍ତର୍ଗତ ଏବଂ ଓଡିଶାର ଉପାନ୍ତ ରେଳଷ୍ଟେଶନ ଲକ୍ଷ୍ମଣନାଥର ଉନ୍ନତି ଏବଂ ନବୀକରଣ ହେଉ ନ ଥିବାରୁ ଉନ୍ନୟନ କମିଟି ପକ୍ଷରୁ ଆସନ୍ତା ୬ରେ ଅନଶନ କରାଯିବ ବୋଲି କର୍ତ୍ତୃପକ୍ଷ ଓ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗତ ନଭେମ୍ବର ୨୫ତାରିଖରେ କମିଟି ପକ୍ଷରୁ ୫ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଖଡ଼ଗପୁର ରେଳଡିଭିଜନ ଓ ଅନ୍ୟ କେତେକ ପଦସ୍ଥ ଅଧିକାରୀଙ୍କୁ ଦିଆଯାଇଥିଲା। ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ଦାବିଗୁଡିକ ମଧ୍ୟରେ ପ୍ଲାଟଫର୍ମଗୁଡିକୁ ସୁଉଚ୍ଚ କରିବା, ଚାଲିବା ପାଇଁ ଫୁଟ ଓଭରବ୍ରିଜ୍‌ କରିବା, ସାଇକେଲ ଓ ବାଇକ୍‌ ଷ୍ଟାଣ୍ଡ ନିର୍ମାଣ ସହିତ ହାଓ୍ୱଡା-ପୁରୀ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍‌, ପୁରୀ-ନ୍ୟୁଦିଲ୍ଲୀ ଉତ୍କଳ ଏକ୍ସପ୍ରେସ୍‌ କିମ୍ବା ଦୀଘା-ପୁରୀ ସାପ୍ତାହିକ ଟ୍ରେନ୍‌ ମଧ୍ୟରୁ ଗୋଟିଏର ରହଣି, ଖଡଗପୁର-ଯାଜପୁର-କେଉଁଝର ରୋଡ ପାସେଞ୍ଜର ଟ୍ରେନର ପୂର୍ବନିର୍ଦ୍ଧାରିତ ସମୟରେ ଚଳାଚଳ ଆଦି ଅନ୍ତର୍ଭୁକ୍ତ। ଏ ସମ୍ପର୍କରେ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଷଡଙ୍ଗୀ, ବିଧାୟକ ଅଶ୍ୱିନୀ ପାତ୍ର, ଖଡଗପୁର ଡିଆର୍‌ଏମ୍‌, ବାଲେଶ୍ୱର ଜିଲାପାଳ, ଏସ୍‌ପି, ଷ୍ଟେଶନ ମ୍ୟାନେଜର, ଜଳେଶ୍ୱର ଆଇଆଇସି ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ଉନ୍ନୟନ କମିଟି ସଭାପତି ବୁଦ୍ଧେଶ୍ୱର ପ୍ରଧାନ, ସମ୍ପାଦକ ସଞ୍ଜୟ ଦାସ, ପୂର୍ବତନ ସରପଞ୍ଚ ବିନୟ କୁମାର ଜେନା ଓ ଚିତ୍ତରଞ୍ଜନ ପରିଡା, ରାଜେଶ ଜେନା, ରଞ୍ଜନ କୁମାର ଦାସ ମହାପାତ୍ର, ଦିଗାମ୍ବର ମହାନ୍ତି, ଚୈତନ ପାତ୍ର, ନିଖିଳ ଜେନା, ନିଶିକାନ୍ତ ଦାସ, ମିଥୁନ ଦାସ, ମଞ୍ଜୁଲତା ଦାସ, ମିନତି ବାରିକ ଓ ରବୀନ୍ଦ୍ର ବାରିକ ପ୍ରମୁଖ ଅନଶନରେ ସାମିଲ ହେବେ ବୋଲି ଜଣାଇଛନ୍ତି।

# ବସ୍ତା ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ

ବସ୍ତା, ୩।୧(ଡି.ଏନ.ଏ.)

ବସ୍ତା ଗ୍ରାମୀଣ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ମହୋତ୍ସବ କମିଟି ପକ୍ଷରୁ ବସ୍ତା ବଜାରସ୍ଥିତ ଈଶ୍ୱରବର୍ତ୍ତୀ ମହାଦେବଙ୍କଠାରୁ ଆଜ୍ଞାମାଳ ନେଇ ଏକ ବିରାଟ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଶିଳ୍ପପତି ସତ୍ୟନାରାୟଣ କର୍ଣ୍ଣାନୀ ଏହି ଆଜ୍ଞାମାଳ ଧରି ଶୋଭାଯାତ୍ରାରେ ପରିକ୍ରମା କରି ବସ୍ତା ଦକ୍ଷିଣ କ୍ୟାବିନ ନିକଟସ୍ଥ ମହୋତ୍ସବ ପଡ଼ିଆ ନିକଟରେ ପହଞ୍ଚି ଥିଲେ।

ସମାଜସେବୀ ସୁବାସିନୀ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମହୋତ୍ସବରେ ପ୍ରଥମ ଦିବସରେ ସଦାନନ୍ଦପୁର ଗ୍ରାମପଞ୍ଚାୟତର ସରପଞ୍ଚ ତଥା କମିଟିର ସଭାପତି ଅନୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ ବାସୁଦେବ ପ୍ରଧାନ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପତ୍ରଝଡ଼ା ସମିତିସଭ୍ୟ କମଳଲୋଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବ ୭ ଦିନ ବ୍ୟାପି ଚାଲିବାକୁ ଥିବା କମିଟି ପକ୍ଷରୁ କୁହାଯାଇଛି।

# ଆଦର୍ଶ ବିଦ୍ୟାଳୟ ଲାଗି ଜମି ହସ୍ତାନ୍ତର

ଜଳେଶ୍ୱର,୩।୧(ସ୍ୱ.ପ୍ର.)

■ ଆସନ୍ତା ଶିକ୍ଷାବର୍ଷରୁ ଶିକ୍ଷାଦାନ

ଜଳେଶ୍ୱର ବ୍ଲକର ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ ରାଇବଣିଆ ଥାନା କାଳିକଠାରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ଲାଗି ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ଶିକ୍ଷାବର୍ଷରୁ ଶିକ୍ଷାଦାନ ହେବା ଲାଗି ଅଭିଭାବକମାନେ ଆଶା ପୋଷଣ କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ପରେ ରାଇବଣିଆର କାଳିକଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ତତ୍‌କାଳୀନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଓ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଜେନା କାଳିକ ପଞ୍ଚାୟତକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରି ଏହାର ରାସ୍ତାଘାଟ, ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା, ପିଇବାପାଣି ବ୍ୟବସ୍ଥା, ବିଦ୍ୟୁତ୍‌ ଯୋଗାଣର ବ୍ୟବସ୍ଥା କରିବା ସହ ଏକ ଟିମ୍‌କୁ ସେଠାରେ କାର୍ଯ୍ୟରେ ଲଗାଇଥିଲେ। କିନ୍ତୁ ଏଥିଲାଗି ଆବଶ୍ୟକ ଅନୁମୋଦନ ନ ମିଳିବାରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଆଦର୍ଶ ବିଦ୍ୟାଳୟ ସେଠାରେ ପ୍ରତିଷ୍ଠା କରିବା ଲାଗି ଇଂ. ଜେନା ଓ ପାତ୍ର ଉଦ୍ୟମ କରିଥିଲେ। କିନ୍ତୁ ସରକାରୀ ଫାଇଲ୍‌ ମନ୍ଥର ଗତିରେ ଚାଲୁଥିବାରୁ ଗତ ୧୬।୧୨।୧୯ରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅନୁମୋଦନ କରିଛନ୍ତି। ଏହାପୂର୍ବରୁ ଏକ କମିଟି ଗଠନ ହୋଇ କାଳିକ ଗ୍ରାମର ଖାତା ନଂ ୯୮୨, ପ୍ଲଟ ୮୨୮, ୮୨୯, ୮୩୦ ଓ ୯୧୫ର ମୋଟ ୪ଏକର ୮୦ ଡିସିମିଲ ସ୍ଥାନ ଆଦର୍ଶ ବିଦ୍ୟାଳୟ ଲାଗି ସ୍ଥାନ ନିରୂପଣ କରିଥିଲେ। ଶୁକ୍ରବାର ଏହି କାର୍ଯ୍ୟ ସମାପନ ଲାଗି ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ବିଇଓ ବିଜୟ କୁମାର ନାଥ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଲମ୍ବୋଦର କର, ଓଲମରା ଆର୍‌ଆଇ ଓ ଅମିନ ପ୍ରମୁଖ ଯାଇଥିଲେ। ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ । ମୋଟ ୩କୋଟି ୨୫ଲକ୍ଷ ୫୨ ହଜାର ୬୬୬ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅର୍ଥ ମଞ୍ଜୁର ହୋଇଥିବା ଜଣାଯାଇଛି ।


ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।


**CHIEF DISTRICT MEDICAL & PUBLIC HEALTH OFFICER, BARGARH**
e-mail : substore.bargarh@gmail.com
Tel / Fax - 06646-232804

No.E-634 :- **CORRIGENDUM NOTICE**
No.47 Date:02.01.2020

In pursuance to the Tender Call Notice No.11413, dt.17.12.2019, the date of receipt of Tender Documents is hereby extended to dt.10.01.2020 upto 12 Noon and a pre-bid meeting will be held on dt.06.01.2020 at 3 P.M. The opening of technical bid will be on dt.10.01.2020 at 3 P.M. and the financial bid will be opened on dt.10.01.2020 at 4 P.M. All other term & conditions in the said advertisement will remain unchanged.

Sd./-
Chief District Medical &
Public Health Officer, Bargarh
10124/11/0002/1920



**Government of Odisha**
**“e” Procurement Notice**
No.: O-750
**Bid Identification No.: Online-AGL-13 of 2019-2020**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Estimated Cost | : | Rs.5.30 to 45.08 Lakhs |
| 3. | Period of Completion | : | 01 (One) Calendar Months |
| 4. | Date & time of availability of bid document in the portal | : | From 17.01.2020 to 24.01.2020 upto 5.00 P.M. |
| 5. | Last date/time for receipt of bids in the portal | : | 24.01.2020 upto 5.00 P.M. |
| 6. | Name & address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in**.

Sd./- Executive Engineer
R.W. Division, Angul
25096/11/0008/1920

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଜାନୁୟାରୀ ୪/୨୦୨୦ Balasore, Saturday, January 4/2020

# କୁଲଡ଼ିହାରେ ପକ୍ଷୀ ଗଣନା ଆରମ୍ଭ





ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ମଧ୍ୟରେ ଥିବା ରିଷିଆ ଡ୍ୟାମ୍‌ରେ ନିୟୋଜିତ ଟିମ୍ ପକ୍ଷୀଗଣନା କରୁଛନ୍ତି।

**ସଜନାଗଡ଼,୩।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ବନ ବିଭାଗ ପକ୍ଷରୁ କୁଲଡିହା ଅଭୟାରଣ୍ୟରେ ପକ୍ଷୀଗଣନା ଆରମ୍ଭ ହୋଇଛି। ଅଭୟାରଣ୍ୟ ଭିତରେ ଥିବା ରିଷିଆ ଡ୍ୟାମ୍, ସିନ୍ଦୁଆ, ବୁଗାଳିବନ୍ଧ, ଖୁମ୍‌କୁଟ୍, ତେଣ୍ଡା ଅଞ୍ଚଳର ସାତଘାଟି ଡ୍ୟାମ୍‌ରେ ପକ୍ଷୀଗଣନା ପାଇଁ ୫ଟି ଟିମ୍ ନିୟୋଜିତ ହୋଇଛନ୍ତି। ଶୁକ୍ରବାର କୁଲଡ଼ିହା ରେଞ୍ଜ୍ ଅଧିକାରୀ ବିଜୟ ମହାପାତ୍ର ମୁଖ୍ୟ କାର୍ଯ୍ୟ ନିର୍ବାହ କରୁଛନ୍ତି। ଫରେଷ୍ଟର ପରମାନନ୍ଦ ନାୟକ, ବିଜୟ କୁମାର ସାହୁ, ଉମାକାନ୍ତ ଜେନା ଏହି ଟିମ୍‌ର ନେତୃତ୍ୱ ନେଉଛନ୍ତି। ଏହାସହ ବନ କର୍ମଚାରୀ ପକ୍ଷୀଗଣନାରେ ସାମିଲ ହୋଇଛନ୍ତି। କୋହଲା ପାଗ ସମେତ ବର୍ଷା ସତ୍ତ୍ୱେ ପକ୍ଷୀଗଣନା ପୂର୍ବାହ୍ନ ୬ଟା ସମୟରେ ଆରମ୍ଭ ହୋଇଥିଲା। ରିଷିଆ ଡ୍ୟାମ୍‌ରେ ଡଙ୍ଗା ସାହାଯ୍ୟରେ ପକ୍ଷୀଗଣନା ହେଉଥିବାର ଦେଖିବାକୁ ମିଳିଥିଲା। ପକ୍ଷୀଙ୍କ ଭିତରେ ବଗ, ଶୁଆ, ଗେଣ୍ଡାଳିଆ, ହରଡ଼ଖାଇ, ମାଛରଙ୍କା, ସଲରୀ, କଜଳପାତି, ବୁଲ୍‌ବୁଲ୍, ଭଦଭଦଳିଆ ଆଦି ଦେଶୀ ପକ୍ଷୀ ରହିଥିବା ବେଳେ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ କୁଲଡିହାରେ ରହିଥିବା ସୂଚନା ରହିଛି। ପକ୍ଷୀ ବିଶେଷଜ୍ଞ ରମାକାନ୍ତ ବିଶ୍ୱାଳ ଓ ତାଙ୍କର ୨ ସହଯୋଗୀ ଭୁବନେଶ୍ୱରରୁ ଆସି ପକ୍ଷୀଗଣନାରେ ସହଯୋଗ କରିଛନ୍ତି। ଅନୁରୂପ ଭାବେ ନୀଳଗିରି ବନ ବିଭାଗ ଅଧୀନ ପଦ୍ମତୋଳାରେ ନୀଳଗିରି ରେଞ୍ଜର ରୁଦ୍ରାନନ୍ଦ ବାରିକ୍‌ଙ୍କ ନେତୃତ୍ୱରେ ୩ ଫରେଷ୍ଟର, ଫରେଷ୍ଟଗାର୍ଡ଼, ସବୁଜବାହିନୀକୁ ନେଇ ପକ୍ଷୀଗଣନା ହେଉଛି। ଖବର ଲେଖିବା ପର୍ଯ୍ୟନ୍ତ ପକ୍ଷୀଗଣନାର ବୃତ୍ତାନ୍ତ ତାଲିକା ପ୍ରକାଶ ପାଇ ନ ଥିବାବେଳେ ବନବିଭାଗ ଶନିବାର ସମ୍ପୂର୍ଣ୍ଣ ତାଲିକା ପ୍ରକାଶ ପାଇବ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ରାଇରଙ୍ଗପୁର,୩।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ନୂଆବର୍ଷ ଦିନ ସାଙ୍ଗମାନଙ୍କ ସହ ନାବାଳିକା ଜଣକ ଖଡ଼ଖାଇ ନଦୀ ପାର୍ଶ୍ୱ ଆମ୍ବ ବଗିଚାକୁ ପିକ୍‌ନିକ ସକାଶେ ଯାଇଥିଲେ। ପିକ୍‌ନିକ୍‌ସ୍ଥଳରୁ ଜଣେ ନାବାଳକ ତାଙ୍କୁ ନିକଟସ୍ଥ ଏକ ନିର୍ଜନ ସ୍ଥାନକୁ ନେଇ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ରାଇରଙ୍ଗପୁର ହସ୍ପିଟାଲରେ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇ ବାରିପଦାସ୍ଥିତ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି।

## ଟ୍ରେନ୍‌ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ରୂପ୍‌ସା, ୩।୧(ଡି.ଏନ୍.ଏ.)**

ଜିଆର୍‌ପି ପୋଲିସ ବାଲେଶ୍ୱର ରେଳଷ୍ଟେଶନରେ ଶୁକ୍ରବାର ଡାଉନ୍ ହାଓ୍ୱଡ଼ା-ଯଶବନ୍ତପୁର ସୁପରଫାଷ୍ଟ ଏକ୍ସପ୍ରେସ୍‌ରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ବୟସ ୬୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ପରିଚୟ ମିଳିପାରିନାହିଁ। ଟ୍ରେନ୍ ଶୌଚାଳୟ ସମ୍ମୁଖରେ ମୃତଦେହ ପଡ଼ିଥିବା ଜିଆର୍‌ପି ପୋଲିସ ଖବର ପାଇଥିଲା। ତାଙ୍କଠାରୁ ଯଶବନ୍ତପୁରରୁ ମୁଜାଫରପୁର ପର୍ଯ୍ୟନ୍ତ ଏକ ଟ୍ରେନ୍ ଟିକେଟ ମିଳିଛି। ତାଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଛି କି ହତ୍ୟା କରାଯାଇଛି ସେନେଇ ଜିଆର୍‌ପି ପୋଲିସ ତଦନ୍ତ ଜାରି ରଖିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଯୋଡ଼ା, ୩।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ତଥା ୫୨୦ ନଂ. ଜାତୀୟ ରାଜପଥ କଣ୍ଡରା ଛକଠାରେ ନିର୍ମାଣ ହେଉଥିବା ଟୋଲଗେଟ୍ ନିକଟରେ ଏକ ବାଇକକୁ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଚମ୍ପୁଆ ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମର ଯଶରାଜ ମୁଣ୍ଡା(୨୬) ଓ ସୋମା ମୁଣ୍ଡା(୨୩)। ସେମାନେ ଗୁରୁବାର ରାତି ପ୍ରାୟ ୧୦ଟା ବେଳେ ବାଇକ୍ (ନଂ. ଓଆର୦୨ ଏଏସ୍ ୮୨୪୨)ରେ ବିଲେଇପଦାରୁ ଘରକୁ ଫେରୁଥିବା ବେଳେ ଉକ୍ତ ସ୍ଥାନରେ ଏକ ଅଜଣା ଗାଡି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ଘଟିଛି। ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ଓ ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଆରମ୍ଭ କରିଛନ୍ତି।

## ପୋଡ଼ି ହୋଇ ମହିଳାଙ୍କ ମୃତ୍ୟୁ

**ଚିତ୍ରଡା,୩।୧(ଡ଼ି.ଏନ୍.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡା ଗ୍ରାମରେ ଜଣେ ମହିଳା ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଗୁରୁବାରୀ ମହାନ୍ତ(୬୫)। ଗତ ବୁଧବାର ସନ୍ଧ୍ୟାରେ ସେ ଘରେ ଶୋଇଥିବା ବେଳେ ପାଖରେ ଜଳୁଥିବା ଡିବିରି ନିଆଁ ତାଙ୍କ ଶାଢିରେ ଲାଗି ଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଚିତ୍ରଡା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁ ହୋଇଛି।

## ରୂପ୍‌ସା ଥାନା ପକ୍ଷରୁ ଯାନବାହନ ଯାଞ୍ଚ

**ରୂପ୍‌ସା, ୩।୧(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଯାନବାହନ ଯାଞ୍ଚ କରାଯାଇଛି। ଥାନାଧିକାରୀ ଅଜୟ କୁମାର ମୁର୍ମୁ, ଏଏସ୍‌ଆଇ ହେମନ୍ତ କୁମାର ଦେବ ପ୍ରମୁଖ ସଦଳବଳେ ନୀଳମଣି କଲେଜ ଛକ ଓ ରୂପ୍‌ସା-ବୈଁଶିଙ୍ଗା ରାସ୍ତାର ଏଫ୍‌ସିଆଇ ଲକ୍ଷ୍ମୀନାରାୟଣ ମନ୍ଦିର ଛକଠାରେ ଯାନବାହନ ଯାଞ୍ଚ କରିଥିଲେ। ଗାଡ଼ିର କାଗଜପତ୍ର, ଇନ୍‌ସ୍ୟୁରାନ୍ସ, ଡ୍ରାଇଭିଂ ଲାଇସେନ୍ସ, ହେଲ୍‌ମେଟ୍ ଆଦି ଯାଞ୍ଚ କରି ଚାଳକଙ୍କୁ ସଚେତନ କରାଇଥିଲେ।

## ନାବାଳିକାଙ୍କୁ ଅପହରଣ ପରେ ବିବାହ
# ବର୍ଷକ ପରେ ହତ୍ୟା ଅଭିଯୋଗ

**ବାହାନଗା, ୩।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଭଣା ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଜଣେ ଯୁବକ ତାଙ୍କର ଦୁଇଜଣ ସହଯୋଗୀଙ୍କ ସହାୟତାରେ ପ୍ରଥମେ ଅପହରଣ କରିନେବା ପରେ ବିବାହ କରିଥିଲେ। ବିବାହର ବର୍ଷକ ପରେ ତାଙ୍କୁ ହତ୍ୟା କରାଯାଇଥିବା ନାବାଳିକାଙ୍କ ପରିବାର ଲୋକେ ଖନ୍ତାପଡା ଥାନାରେ ଅଭିଯୋଗ କରିଛନ୍ତି।

ଉକ୍ତ ନାବାଳିକାଙ୍କୁ ଗତ ତା୨୪।୧୧।୨୦୧୮ରିଖରେ ଖନ୍ତାପଡା ଥାନା ଅଧୀନ ନୂଆପୁର ଗ୍ରାମର ବଟକୃଷ୍ଣ ମହାପାତ୍ର ଅନ୍ୟ ଦୁଇ ଜଣଙ୍କ ସହାୟତାରେ ଅପହରଣ କରି ଘରେ ରଖି ବିବାହ କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ସେତେବେଳେ ସୋର ଥାନାରେ ଝିଅ ଅପହରଣ ନେଇ ଅଭିଯୋଗ କରିଥିଲେ। ସୋର ଥାନାରେ ଏକ ମାମଲା (ନଂ.୪୯୫/୧୮) ରୁଜୁ କରାଯାଇଥିଲା। ନୂଆ ବର୍ଷର ଦିନକ ପରେ ଗୁରୁବାର ନାବାଳିକାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ସେମାନେ ବଟକୃଷ୍ଣଙ୍କ ଘରେ ପହଞ୍ଚି ଝିଅ ନ ଥିବା ଦେଖି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଝିଅର ମୃତଦେହ ଥିବା ଦେଖିଥିଲେ। ତାଙ୍କ ଝିଅକୁ ମାରି ଝୁଲାଇ ଦିଆଯାଇଥିବା ତାଙ୍କ ବାପା ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ଖନ୍ତାପଡା ଥାନା ପୋଲିସ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରିଥିଲା। ଶୁକ୍ରବାର ନାବାଳିକାଙ୍କ ପରିବାର ପକ୍ଷରୁ ଗୋପାଳପୁର ଫାଣ୍ଡିରେ ମୃତଦେହ ରଖି ନ୍ୟାୟ ପାଇଁ ଘେରାଉ କରାଯାଇଥିଲା। ପରେ ରାତିରେ ଗୋପାଳପୁର ବଜାରରେ ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି। ଅଭିଯୋଗ ହେବାର ଗୋଟିଏ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଏଯାଏ ଗିରଫ କରୁ ନ ଥିବା ବେଳେ ଶବ ସତ୍କାର ଲାଗି ଯୁବକଙ୍କ ପରିବାର ଲୋକେ ଧରାଛୁଆଁ ଦେଉ ନ ଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ଯାଏ ରାସ୍ତା ଅବରୋଧ ଜାରି ରହିଥିଲା।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

